# ବିକାଶର ନୂଆ ପରିଚୟ ସୃଷ୍ଟି କରିବ କଳାହାଣ୍ଡି

## ତିନି ଶକ୍ତି ପ୍ରକଳ୍ପର ଲୋକାର୍ପଣ କଲେ ନବୀନ



ଭୁବନେଶ୍ୱର,୨।୧୦(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି କଳାହାଣ୍ଡି ଜିଲ୍ଲାର ୩ଟି ଶକ୍ତି ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ଏ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏ ୩ଟି ଶକ୍ତି ପ୍ରକଳ୍ପ ଦ୍ୱାରା ଜିଲ୍ଲାର ୩୦ ହଜାର ଲୋକ ଉପକୃତ ହେବେ। କଳାହାଣ୍ଡି ଏବେ ବିକାଶର ପଥରେ। ଆଗାମୀ ଦିନରେ ଏ ଜିଲ୍ଲା ବିକାଶର ନୂଆ ପରିଚୟ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶୁକ୍ରବାର ଭିଡିଓ କନଫରେନ୍ସିଂ ଜରିଆରେ ଜୟପାଟଣାର ନାରଳାଠାରେ ଏକ ୨୨୦/୧୩୨/୩୩ କେଭି ଗ୍ରୀଡ ସବଷ୍ଟେସନର ଉଦଘାଟନ କରିଥିଲେ। ଏହାସହ ଗ୍ରୀଡରୁ ବାହାରିଥିବା ଦୁଇଟି ୩୩ କେଭି ଫିଡର ଲାଇନ୍ ମଧ୍ୟ ଲୋକାର୍ପିତ କରିଛନ୍ତି। ଏ ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ଏ ପ୍ରକଳ୍ପ ଦ୍ୱାରା ଜୟପାଟଣା, କୋକସରା ଓ ଜଗନ୍ନାଥପୁର ଅଞ୍ଚଳର ଲୋକମାନେ ଉପକୃତ ହେବେ। ଉପଭୋକ୍ତାଙ୍କୁ ଉନ୍ନତ ମାନର ଓ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ମିଳିବ। ପାୱାର କଟ୍ ସମସ୍ୟା ଦୂର ହେବ। ଚାଷୀ, ମହିଳା ଓ ଶିଳ୍ପୋଦ୍ୟୋଗୀ ଉପକୃତ ହେବେ। ଆଗାମୀ ଦିନରେ ଜିଲ୍ଲାର ଅନ୍ୟ ଅଞ୍ଚଳକୁ ମଧ୍ୟ ବିଦ୍ୟୁତ୍ ସେବାର ସଂପ୍ରସାରଣ କରାଯିବ। ୨୨୦ କେଭିର ଏ ଜୟପାଟଣା ଗ୍ରୀଡ୍ ପାଇଁ ୮୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ଗ୍ରୀଡ୍ ଦ୍ୱାରା କଳାହାଣ୍ଡିର ଜନସାଧାରଣ ପ୍ରଥମ ଥର ଇନ୍ଦ୍ରାବତୀରୁ ସିଧାସଳଖ ବିଜୁଳି ପାଇପାରିବେ। ଆଗାମୀ ଦିନରେ ୪୭ କିମିର ଦୀର୍ଘ ଆଉ ଏକ ୧୩୨ କେଭି ଡବଲ ସର୍କିଟ୍ ଲାଇନ୍ ଜୁନାଗଡ଼କୁ ସଂଯୁକ୍ତ କରାଯିବ।

ନବୀନ କହିଲେ, କଳାହାଣ୍ଡି ଏବେ ଦ୍ରୁତ ବିକାଶଶୀଳ ଜିଲ୍ଲା ଭାବେ ପରିଚୟ ସୃଷ୍ଟି କରିଛି। କୃଷି କ୍ଷେତ୍ରରେ ଜିଲ୍ଲାରେ ଦ୍ରୁତ ଉନ୍ନତି ଆସିଛି। ଜଳସେଚନର ସୁବିଧା ପାଇଁ ହୋଇ ଜଳସେଚନ ପ୍ରକଳ୍ପ ସହ ଆହୁରି ଅନେକ ମେଗା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ସରକାରୀ ମେଡିକାଲ କଲେଜର କାମ ଦ୍ରୁତ ବେଗରେ ଚାଲିଛି। ଭବାନୀପାଟଣା ସ୍ୱୟଂଶାସିତ ମହାବିଦ୍ୟାଳୟକୁ କଳାହାଣ୍ଡି ବିଶ୍ୱବିଦ୍ୟାଳୟରେ ପରିଣତ କରାଯାଉଛି। ବିଜୁ ଏକ୍ସପ୍ରେସ୍ ୱେ ପଶ୍ଚିମ ଓଡ଼ିଶାର ଅର୍ଥନୈତିକ ଜୀବନରେଖା ହେବାକୁ ଯାଉଛି। ▸ପୃଷ୍ଠା-୬

## ବିକାଶର ନୂଆ ପରିଚୟ ...

କଳାହାଣ୍ଡିର ଆର୍ଥିକ ବିକାଶକୁ ଏହା ଆଗକୁ ନେବ। କଳାହାଣ୍ଡି ବିକାଶର ନୂଆ ଅଧ୍ୟାୟ ସୃଷ୍ଟି କରିବ।

ନାରଳା ଠାରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଲେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ କଳାହାଣ୍ଡିରେ କୃଷି, ଜଳସେଚନ, ସଡ଼କ ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସବୁ କ୍ଷେତ୍ରରେ ଉନ୍ନତି ଆସିଛି। ଉଚ୍ଚଶିକ୍ଷାରେ ବ୍ୟାପକ ବିକାଶ ହୋଇଛି। ବିଜୁ ଏକ୍ସପ୍ରେସ୍ ୱେ ଦ୍ୱାରା କଳାହାଣ୍ଡିରେ ଶିଳ୍ପ ବିକାଶ ମଧ୍ୟ ହେବ। ଆଜିର ବିଜୁଳି ପ୍ରକଳ୍ପ ପାଇଁ ସେ କଳାହାଣ୍ଡି ଜିଲ୍ଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ।

କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଯୋଗଦେଇ କହିଲେ, ଇନ୍ଦ୍ରାବତୀ ପ୍ରକଳ୍ପ ପରେ କଳାହାଣ୍ଡିର ବିକାଶ ଆସିଛି। ବାମ କେନାଲ ନିର୍ମାଣ ପରେ ଜିଲ୍ଲାରେ ଧାନ ଉତ୍ପାଦନ ଯଥେଷ୍ଟ ବଢ଼ିଛି। ଦକ୍ଷିଣ କେନାଲର ନିର୍ମାଣ ପାଇଁ ଶ୍ରୀ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବା ସହ ବିଜୁଳି ପ୍ରକଳ୍ପ ପାଇଁ ଧନ୍ୟବାଦ ଜଣାଇଥିଲେ।

ଏ କାର୍ଯ୍ୟକ୍ରମରେ ନର୍ଲା ବିଧାୟକ ଭୂପିନ୍ଦର ସିଂହ ଓ ଉନ୍ନୟନ କମିଶନର ସୁରେଶ କୁମାର ମହାପାତ୍ର ଯୋଗ ଦେଇଥିଲେ। ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳ ସ୍ୱାଗତ ଭାଷଣ ଦେଇଥିଲେ। କଳାହାଣ୍ଡି ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି କେ ପାଣ୍ଡିଆନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।